# ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ

## ବିଜ୍ଞାପନ ସଂଖ୍ୟା ୧୨୭୮ ତାରିଖ ୦୨.୦୨.୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଶ୍ରୀ ଲୋକନାଥ ମନ୍ଦିରର ଶାନ୍ତି ଶୃଙ୍ଖଳା ତଥା ପ୍ରକାରନ୍ତରେ ମନ୍ଦିରର ଉନ୍ନତି କଳ୍ପେ ଶ୍ରୀ ଶ୍ରୀ ଲୋକନାଥ ଦେବ, ପୁରୀଙ୍କ ମନ୍ଦିରର ଦୀପ, ଧୂପ ଓ ଫୁଲ ଦୋକାନ, ଜୋତା ଷ୍ଟାଣ୍ଡ, ଜାଗର ପଡିଆ ଓ ବଗାୟତ ପୃଥକ ପୃଥକ ଭାବେ ବର୍ଷିକିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥି ପାଇଁ ସର୍ବନିମ୍ନ ଟେଣ୍ଡର ରାଶି ନିମ୍ନ ମତେ ଧାର୍ଯ୍ୟ କରାଯାଇଅଛି । ଟେଣ୍ଡରର ଅବଧି ୨୦୧୯ ମସିହା ପଙ୍କଉଦ୍ଧାର ଏକାଦଶୀର ପୂର୍ବ ଦୁଇ ଦିନ ଠାରୁ ୨୦୨୦ ମସିହା ପଙ୍କଉଦ୍ଧାର ଏକାଦଶୀର ପାଞ୍ଚ ଦିନ ପୂର୍ବ ପର୍ଯ୍ୟନ୍ତ ବଳବତ୍ତର ରହିବ । ତେଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ, ଯେଉଁମାନେ ଟେଣ୍ଡର ନେବାପାଇଁ ଆଗ୍ରହ ପ୍ରକାଶ କରୁଅଛନ୍ତି ସେମାନେ ନିମ୍ନ ମତେ ନିଜର ଟେଣ୍ଡର ରାଶି ନିର୍ଦ୍ଧାରିତ ଟେଣ୍ଡର କାଗଜରେ ଲିପିବଦ୍ଧ କରି ଜଉମୁଦଦିଆ ଲଫାପାରେ ଉପ-ଜିଲ୍ଲାପାଳ, ପୁରୀଙ୍କ ଠିକଣାରେ ସ୍ପୀଡ ପୋଷ୍ଟ ବା ରେଜିଷ୍ଟ୍ରୀ ପୋଷ୍ଟ ଡାକ ଯୋଗେ ଅଥବା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଥିବା ଜଉମୁଦ ବାକ୍ସରେ ଏହି ବିଜ୍ଞାପନ ପ୍ରକାଶନ ତାରିଖ ଠାରୁ ୧୦ ଦିନ ମଧ୍ୟରେ ଅର୍ଥାତ ତା ୦୪.୦୨.୨୦୧୯ ରିଖ ଠାରୁ ତା ୧୩.୦୨.୨୦୧୯ ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ ଟେଣ୍ଡର ପକାଇପାରିବେ । ଟେଣ୍ଡର ପକାଇବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ୫୦୦/- (ପାଞ୍ଚଶହ) ଟଙ୍କା ଦାଖଲ କରି ନିର୍ଦ୍ଧାରିତ ଟେଣ୍ଡର କାଗଜ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନାଜିରଙ୍କ ପାଖରୁ କ୍ରୟ କରିପାରିବେ । ଟେଣ୍ଡର ପକାଉଥିବା ବ୍ୟକ୍ତି ଅମାନତ ବାବଦକୁ ନିମ୍ନରେ ଦର୍ଶାଇଥିବା ରାଶିକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ପୁରୀରେ ଉଠାଣ ହେବ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଟେଣ୍ଡର କାଗଜ ସହିତ ଦାଖଲ କରିବେ, ନଚେତ ତାଙ୍କର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଯେଉଁମାନେ ଟେଣ୍ଡର ଗ୍ରହିତା ହୋଇପାରିବେ ନାହିଁ, ସେମାନେ ଜମା କରିଥିବା ଅମାନତ ରାଶିକୁ ଫେରସ୍ତ ଦିଆଯିବ । ଗୋଟିଏ ଟେଣ୍ଡର କାଗଜରେ ମାତ୍ର ଗୋଟିଏ ଟେଣ୍ଡର ହେବାକୁଥିବା ଜିନିଷ ପାଇଁ ଟେଣ୍ଡର ପକାଇପାରିବେ । ଜଣେ ଆବେଦନକାରୀ ଯଦି ଏକାଧିକ ଟେଣ୍ଡର ପକାଇବାକୁ ଇଚ୍ଛୁକ, ତେବେ ସେ ପୃଥକ ପୃଥକ ଟେଣ୍ଡର କାଗଜ କ୍ରୟ କରି ପୃଥକ ଭାବେ ଜଉମୁଦଦିଆ ଲଫାପାରେ ଟେଣ୍ଡର ଏବଂ ଲଫାପା ଉପରେ କେଉଁଥି ପାଇଁ ପକାଉଛନ୍ତି ତାହା ଉଲ୍ଲେଖ କରିବେ । ଆବେଦନକାରୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ସହିତ ମୋବାଇଲ ନମ୍ବର ଦେବେ । ଧାର୍ଯ୍ୟ ସମୟ ମଧ୍ୟରେ ଗ୍ରହଣ ହୋଇଥିବା ଟେଣ୍ଡରଗୁଡିକୁ ତା ୧୩.୦୨.୨୦୧୯ ରିଖ ଅପରାହ୍ନ ୪ ଘଟିକା ସମୟେ ଆବେଦନକାରୀମାନଙ୍କର ଉପସ୍ଥିତିରେ ଖୋଲାଯିବ । ଯେଉଁମାନଙ୍କର ଟେଣ୍ଡର ରାଶି ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ରାଶି ଠାରୁ ଅଧିକ ଥିବ, କେବଳ ସେମାନଙ୍କର ଟେଣ୍ଡର ଫର୍ଦ୍ଦ ଗ୍ରହଣୀୟ ହୋଇ ବିଚାରକୁ ନିଆଯିବ । ସର୍ବାଧିକ ଟେଣ୍ଡର ରାଶି ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଟେଣ୍ଡର ଗ୍ରହଣ ହେବା ଦିନ ଅର୍ଥାତ ତା ୧୩.୦୨.୨୦୧୯ ରିଖ ଦିନ **ଟେଣ୍ଡର ରାଶିକୁ** ପଇଠ କରିବାକୁ ପଡିବ । ଟେଣ୍ଡର ରାଶି ସମାନ ହେଲେ

- ଅପୃଦେ -

ଲଟେରୀ ମାଧ୍ୟମରେ ସ୍ଥିର କରାଯିବ । ଟେଣ୍ଡର ଗ୍ରହିତା ଏକ ଚୁକ୍ତି ପତ୍ର ସମ୍ପାଦନ କଲାପରେ ତାଙ୍କୁ ଟେଣ୍ଡର ଗ୍ରହିତା ଭାବେ ଗ୍ରହଣ କରାଯିବ ଏବଂ ଟେଣ୍ଡର ଗ୍ରହିତାଙ୍କ ସହିତ ଏକ ଚୁକ୍ତି ପତ୍ର କରାଯିବ ।

**ବି:ଦ୍ର:** ନିମ୍ନ ସ୍ୱାକ୍ଷରକାରୀ ଇଛା ପ୍ରକାଶ କଲେ, ବିନା କାରଣରେ ସମସ୍ତ ଟେଣ୍ଡର କାଗଜକୁ ରଦ୍ଦ କରିପାରିବେ ବା ଯେକୌଣସି ଟେଣ୍ଡରକୁ କାଏମ ରଖିପାରିବେ ବା ପୁନଃ ଟେଣ୍ଡର ପାଇଁ ଆଦେଶ ଦେଇପାରିବେ ।

| କ୍ରମିକ ସଂଖ୍ୟା | ଟେଣ୍ଡର ହେବାକୁ ଥିବା ସ୍ଥାନ/ଜିନିଷର ପ୍ରକାର | ଧାର୍ଯ୍ୟ ହୋଇଥିବା ସର୍ବ ସର୍ବନିମ୍ନ ରାଶି | ଅମାନତ |
|---|---|---|---|
| ୧ | ଦୀପ, ଧୂପ ଓ ଫୁଲ ଦୋକାନ | ଟ ୨,୪୦,୧୦୦ ଙ୍କା (ଦୁଇ ଲକ୍ଷ ଚାଳିଶ ହଜାର ଶହେ ଟଙ୍କା) ମାତ୍ର | ଟ ୨୪,୦୦୦ ଙ୍କା (ଚବିଶ ହଜାର ଟଙ୍କା) ମାତ୍ର |
| ୨ | ଜୋତା ଷ୍ଟାଣ୍ଡ | ଟ ୧,୪୧,୦୦୦ ଙ୍କା (ଏକ ଲକ୍ଷ ଏକ ଚାଳିଶ ହଜାର ଟଙ୍କା) ମାତ୍ର | ଟ ୧୪,୦୦୦ ଙ୍କା (ଚଉଦ ହଜାର ଟଙ୍କା) ମାତ୍ର |
| ୩ | ଜାଗର ପଡିଆ( ଚାରି ଚକିଆ, ତିନି ଚକିଆ, ଦୁଇ ଚକିଆ ଯାନ ପାର୍କିଂ ଓ ଅସ୍ଥାୟୀ ଦୋକାନ ଶିବରାତ୍ରି ସରନ୍ତି ସୋମବାର ଏବଂ ଶ୍ରାବଣ ମାସର ବୋଲବମ ଇତ୍ୟାଦି ) | ଟ ୬,୬୬,୬୬୬ ଙ୍କା (ଛ ଲକ୍ଷ ଛଅଷଠି ହଜାର ଛ ଶହ ଛଅଷଠି ଟଙ୍କା) ମାତ୍ର | ଟ ୬୭,୦୦୦ ଙ୍କା (ସତଷଠି ହଜାର ଟଙ୍କା) ମାତ୍ର |
| ୪ | ବଗାୟତ | ଟ ୨୦,୦୦୦ (କୋଡିଏ ହଜାର ଟଙ୍କା) ମାତ୍ର | ଟ ୨,୦୦୦ ଙ୍କା (ଦୁଇ ହଜାର ଟଙ୍କା) ମାତ୍ର |

ଉପ-ଜିଲ୍ଲାପାଳ-ତଥା-ମଧ୍ୟବର୍ତ୍ତୀକାଳୀନ ପରିଚାଳନାନ୍ୟାସୀ,
ଶ୍ରୀ ଶ୍ରୀ ଲୋକନାଥ ଦେବ ମନ୍ଦିର କାର୍ଯ୍ୟାଳୟ, ପୁରୀ